


# ଭାରତରେ ଶିଶୁ ସଂପର୍କିତ ଆଇନ





## ଓଡିଶା ରାଜ୍ୟ ଆଇନ ସେବା ପ୍ରାଧୀକରଣ
**The Odisha State Legal Services Authority (OSLSA)**


ଆମ ଯୋଗାଯୋଗ ଠିକଣା:
ଆଇନ ସେବାଭବନ, ସେକ୍ଟର-୧, ସିଡ଼ିଏ, ମର୍କତ ନଗର, କଟକ -୭୫୩୦୧୪
ଇ ମେଲ - oslsa1997@gmail.com
ଟେଲି ସହଯୋଗ ନମ୍ବର -୧୫୧୦୦
9438578586 (Nyaya Sanjog)



# ଭାରତରେ
# ଶିଶୁ ସଂପର୍କିତ ଆଇନ

ଆଜିର ଶିଶୁ କାଲିର ନାଗରିକ । ସେମାନେ ଦେଶର ଭବିଷ୍ୟତ । ସମାଜ ଓ ରାଷ୍ଟ୍ର ପାଇଁ ବହୁମୂଲ୍ୟ ସଂପଦ । ଭାରତର ସମ୍ବିଧାନ ତଥା ଅନ୍ୟାନ୍ୟ ବୈଧାନିକ ଅଧିନିୟମ ସମୟକୁ ସମୟ ଏହାର ମୂଲ୍ୟ ବୁଝି ପାରି ଓ ଆବଶ୍ୟକ ମୁତାବକ ବିଧି ବ୍ୟବସ୍ଥା ସନ୍ନିବେଶିତ କରିଛି ।

୧. **ଭାରତର ସମ୍ବିଧାନ (CONSTITUTION OF INDIA)** – ଭାରତ ସମ୍ବିଧାନ ଏହାର ତୃତୀୟ ଭାଗରେ ମୌଳିକ ଅଧିକାର ଭାବରେ ଶିଶୁମାନଙ୍କ ପାଇଁ ଅଧିକାର ପ୍ରଦାନ କରେ ।

**ଧାରା ୧୪-** ଆଇନ ଦୃଷ୍ଟିରେ ସମସ୍ତେ ସମାନ । ଶିଶୁମାନଙ୍କ ପରିପ୍ରେକ୍ଷୀରେ ଏହି ଧାରାର ବ୍ୟାଖ୍ୟା ହେଉଛି ଏକ ସମାନ ପରିସ୍ଥିତିରେ କୌଣସି ଶିଶୁକୁ ବାଛବିଚାର କରାଯାଇପାରିବ ନାହିଁ । ସମସ୍ତ ଶିଶୁଙ୍କୁ ସମାନ ସୁରକ୍ଷା ଏବଂ ସୁଯୋଗ ଯୋଗାଇ ଦିଆଯିବ ।

**ଧାରା ୧୫-** ଜାତି, ଧର୍ମ, ଗୋଷ୍ଠୀ କିମ୍ବା ଜନ୍ମସ୍ଥାନକୁ ବିବେଚନା କରି କାହା ପ୍ରତି କୌଣସି ଭେଦଭାବ ପ୍ରଦର୍ଶନ କରାଯିବ ନାହିଁ । ମାତ୍ର ଧାରା ୧୫ (୩) ଅନୁଯାୟୀ ଶିଶୁ ଏବଂ ମହିଳାଙ୍କ କଲ୍ୟାଣ ନିମିତ୍ତ ରାଷ୍ଟ୍ର କୌଣସି ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା କରିବାରେ ଏହି ଧାରା ବାଧକ ହେବ ନାହିଁ ।

**ଧାରା ୨୧ (କ)-** ଛଅରୁ ଚଉଦ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କ ପାଇଁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ନିମନ୍ତେ ରାଷ୍ଟ୍ର ବିହିତ ବ୍ୟବସ୍ଥା କରିବେ ।

**ଧାରା ୨୩-** ଏହି ଧାରା ଅନୁଯାୟୀ ସମସ୍ତ ପ୍ରକାର ବେଠି, ଭିକ୍ଷାବୃତ୍ତି ଏବଂ ଚାଲାଣକୁ ନିଷିଦ୍ଧ କରାଯିବା ସଙ୍ଗେ ସଙ୍ଗେ ଏଥିପାଇଁ ଦଣ୍ଡବିଧାନ କରିବାକୁ ବ୍ୟବସ୍ଥା କରାଯାଇଛି । ଏହା ଶିଶୁ ଚାଲାଣକୁ ନିଷିଦ୍ଧ କରିଛି ।

**ଧାରା ୨୪-** ଏହି ଧାରାରେ ୧୪ ବର୍ଷରୁ କମ୍ ଶିଶୁମାନଙ୍କୁ ଖଣି/ଖାଦାନ ଏବଂ ବିପଦ ସଙ୍କୁଳ କାର୍ଯ୍ୟରେ ନିୟୋଜିତ କରାଯିବାକୁ ବାରଣ କରାଯାଇଛି ।

**ଧାରା ୩୯ (ଙ)-** ପୁରୁଷ ଏବଂ ସ୍ତ୍ରୀମାନଙ୍କର ସ୍ୱାସ୍ଥ୍ୟ, ଶକ୍ତି ଏବଂ ଶିଶୁମାନଙ୍କର କୈଶୋରର ଦୁରୁପଯୋଗ କରାଯିବନାହିଁ ଏବଂ ଆର୍ଥିକ ଅନାଟନ କାରଣରୁ କୌଣସି ନାଗରିକକୁ ତାର ବୟସ ଏବଂ ସ୍ୱାସ୍ଥ୍ୟକୁ ନ ସୁହାଇଲା ଭଳି କୌଣସି ବୃତ୍ତି ବା କାର୍ଯ୍ୟକରିବାକୁ ବାଧ୍ୟ କରାଯିବ ନାହିଁ ।

**ଧାରା ୩୯ (କ)-** ରାଷ୍ଟ୍ର ସମାନ ସୁଯୋଗ ଆଧାରରେ ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବାପାଇଁ ଆବଶ୍ୟକୀୟ ବିଧି ପ୍ରଣୟନ କରିବା ସଙ୍ଗେ ସଙ୍ଗେ ଆର୍ଥିକ କିମ୍ବା ଅନ୍ୟ କୌଣସି ଦୂରାବସ୍ଥା ହେତୁ ନ୍ୟାୟ ପାଇବା ପାଇଁ ବଞ୍ଚିତ ହେଉଥିବା ବ୍ୟକ୍ତିମାନଙ୍କୁ ମାଗଣା ଆଇନସେବା ଉପଲବ୍ଧ କରାଇବାର ବ୍ୟବସ୍ଥା କରିବେ ।

**ଧାରା ୪୧-** ରାଷ୍ଟ୍ର ନିଜର ଆର୍ଥିକ ସମ୍ବଳ ଏବଂ ସାମର୍ଥ୍ୟକୁ ଦୃଷ୍ଟିରେ ରଖି ନାଗରିକଙ୍କ କର୍ମ ନିଯୁକ୍ତିର ଅଧିକାର, ଶିକ୍ଷାର ଅଧିକାର, ବୃଦ୍ଧାବସ୍ଥା, ରୋଗଗ୍ରସ୍ତତା ଏବଂ ଅନ୍ୟ ଅସମର୍ଥତା ପାଇଁ ସାର୍ବଜନୀନ ସହାୟତାପ୍ରାପ୍ତି ନିମନ୍ତେ ଅଧିକାର ପ୍ରଦାନ କରିବେ ।

**ଧାରା ୪୫-** ଚଉଦ ବର୍ଷରୁ କମ୍ ସମସ୍ତ ଶିଶୁଙ୍କ ପାଇଁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବାପାଇଁ ରାଷ୍ଟ୍ର ସମସ୍ତ ସୁନିଶ୍ଚିତ ପଦକ୍ଷେପ ନେବା ଆବଶ୍ୟକ ।

**ଧାରା ୫୧ (କ)** – ଏହି ଧାରା ଅନୁଯାୟୀ, ପ୍ରତ୍ୟେକ ଭାରତୀୟ ନାଗରିକ, ଯିଏ ଜଣେ ପିତା କିମ୍ବା ଅଭିଭାବକ ଅଟନ୍ତି ତାଙ୍କର ୬ ରୁ ୧୪ ବର୍ଷ ପର୍ଯ୍ୟନ୍ତ ସନ୍ତାନର ଶିକ୍ଷା ନିମନ୍ତେ ସୁଯୋଗ ପ୍ରଦାନ କରିବା ଏକ ସମୁଚିତ କର୍ତ୍ତବ୍ୟ ଅଟେ ।



## ୨. ଶିଶୁ ସୁରକ୍ଷାରେ ଭାରତୀୟ ପିଙ୍ଗଳ ସଂହିତା (INDIAN PENAL CODE)

ଭାରତୀୟ ପିଙ୍ଗଳ ସଂହିତା, ୧୮୬୦ ଏହାର ବିଭିନ୍ନ ଧାରାରେ ଶିଶୁମାନଙ୍କର ଅଧିକାର, ସୁରକ୍ଷା ଓ ଦଣ୍ଡ ବ୍ୟବସ୍ଥା ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ପ୍ରଦାନ କରିଛି ।

**ଧାରା ୮୨-** ସାତବର୍ଷରୁ ନିମ୍ନ ବୟସ୍କ ଶିଶୁର କୌଣସି ଅପରାଧମୂଳକ କାର୍ଯ୍ୟକୁ ଅପରାଧ ରୂପେ ଧରାଯିବ ନାହିଁ ।

**ଧାରା ୮୩-** ୭ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୧୨ ବର୍ଷରୁ କମ୍ ବୟସର ଶିଶୁ, ବୟସର ଅପରିପକ୍ୱତା ହେତୁ କୌଣସି କାର୍ଯ୍ୟ କରୁଥିଲାବେଳେ ସେହି କାର୍ଯ୍ୟର ଫଳାଫଳ ଏବଂ ପରିଣତିକୁ ଆକଳନ କରିବା ନିମନ୍ତେ ସେ ଅସମର୍ଥ ଥିଲେ, ତାର ସେହି କାର୍ଯ୍ୟଗୁଡିକ ଅପରାଧ ଭାବରେ ଗ୍ରହଣ କରାଯିବ ନାହିଁ ।

**ଧାରା ୨୯୩-** ୨୦ ବର୍ଷ ବୟସରୁ କମ୍ ବ୍ୟକ୍ତିଙ୍କୁ କୌଣସି ଅଶ୍ଳୀଳ ପୁସ୍ତକ, ପତ୍ରପତ୍ରିକା, ଚିତ୍ର ଇତ୍ୟାଦି ବିକ୍ରୟ, ଭଡା, ବିତରଣ ବା ପ୍ରଦର୍ଶନ ସୂତ୍ରରେ ପ୍ରସାରଣ କରିଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ୨ ହଜାର ପର୍ଯ୍ୟନ୍ତ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯିବ । ପରବର୍ତ୍ତୀ ଅପରାଧ ପାଇଁ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯିବ ।

**ଧାରା ୩୦୫-** ଅଠର ବର୍ଷରୁ କମ୍ କୌଣସି ଶିଶୁ ଆତ୍ମହତ୍ୟା କରିଥିଲେ, ସେହି ଶିଶୁକୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ବ୍ୟକ୍ତିକୁ ପ୍ରାଣଦଣ୍ଡ ଅଥବା ଆଜୀବନ ଜେଲ୍ ଦଣ୍ଡ ଅଥବା ୧୦ ବର୍ଷ ଯାଏ ଜେଲ ଦଣ୍ଡ ସହ ଅର୍ଥଦଣ୍ଡରେ ଦଣ୍ଡିତ କରାଯିବ ।

**ଧାରା ୩୫୯ ରୁ ୩୭୩-** (ଅପହରଣ, ଭିକ୍ଷାବୃତ୍ତି ନିମନ୍ତେ ଅପହରଣ, ଅବୈଧ ସହବାସ ନିମନ୍ତେ ଅପହରଣ, ବେଶ୍ୟାବୃତ୍ତିରେ ନିୟୋଜିତ କରିବା ଉଦ୍ଦେଶ୍ୟରେ ବିକ୍ରୟ ବା ହସ୍ତାନ୍ତର, ଅନ୍ୟ କୌଣସି ବେଆଇନ ବା ଅନୈତିକ କାର୍ଯ୍ୟରେ ନିୟୋଜିତ କରିବା ଉଦ୍ଦେଶ୍ୟରେ କିଣାବିକା କରିବା) ଏହି ସବୁ ଅପରାଧର ଦଣ୍ଡବିଧାନ କରାଯାଇଅଛି ।

**ଧାରା ୩୭୫-** ୧୮ ବର୍ଷରୁ କମ୍ ବୟସର ମହିଳାଙ୍କ ସମ୍ମତି ସହ କିମ୍ବା ସମ୍ମତି ବିନା ଯୌନ ସହବାସ କଲେ ଆଇନ ଅନୁଯାୟୀ ତାହା ଧର୍ଷଣ ବୋଲି ବିବେଚନା କରାଯିବ ଓ ତାହା ପାଇଁ ଦଣ୍ଡବିଧାନ ମଧ୍ୟ କରାଯାଇଅଛି ।

### ୩. ଅନୈତିକ ମାନବ ଚାଲାଣ(ପ୍ରତିଷେଧ) (୧୯୮୬ ରେ ସଂଶୋଧିତ), ୧୯୫୬ (IMMORAL TRAFFIC (PREVENTION) ACT (AMENDED IN 1986), 1956)

ଶିଶୁମାନଙ୍କ କ୍ଷେତ୍ରରେ ଚାଲାଣ ହେଉଛି ଏକ ଗୁରୁତର ଅପରାଧ । ଏହି ଅଧିନିୟମ ଅନୁଯାୟୀ ଯଦି କେହି ବ୍ୟକ୍ତି ଗୋଟିଏ ଶିଶୁ ବା ନାବାଳିକାକୁ ବେଶ୍ୟାବୃତ୍ତିରେ ନିୟୋଜିତ କରି ଅର୍ଥ ଉପାର୍ଜ୍ଜନ କରିଥାଏ, ସେହି ଅପରାଧ ପାଇଁ ତାକୁ ୭ ବର୍ଷରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଓ ଜୋରିମାନା ଦଣ୍ଡରେ ଦଣ୍ଡିତ କରାଯାଇପାରେ । ଏଥି ମଧ୍ୟରେ ଉଦ୍ଧାର ପାଇଥିବା ଶିଶୁଙ୍କ ପାଇଁ ଉପଯୁକ୍ତ ଭରଣପୋଷଣର ବ୍ୟବସ୍ଥା ରହିଛି ।

### ୪. ଶିଶୁ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ସଂଶୋଧନ ଅଧିନିୟମ, ୨୦୧୬ (CHILD LABOUR (PROHIBITION AND REGULATION) Amendment ACT, 2016)

ଏହି ଅଧିନିୟମ କର୍ମକ୍ଷେତ୍ରରେ ଶିଶୁମାନଙ୍କର କାର୍ଯ୍ୟ ରୋକିବାରେ ନିୟନ୍ତ୍ରିତ କରିଥାଏ । ଶିଶୁ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ସଂଶୋଧନ ଅଧିନିୟମ, ୨୦୧୬ ର ଏହି ନିମ୍ନଲିଖିତ ଆଭିମୁଖ୍ୟ ବହନ କରିଥାଏ ।

- ୧୪ ବର୍ଷରୁ କମ୍ ବାଳକ ବାଳିକାକୁ କର୍ମକ୍ଷେତ୍ରରେ ନିଯୁକ୍ତିକୁ ସଂପୂର୍ଣ୍ଣ ବାରଣ ।
- ଯେଉଁ କର୍ମ ପରିସରରେ ସେମାନେ କାମ କରିବାକୁ ବାରଣ ନଥାଏ, ସେଠାରେ କର୍ମ ପରିବେଶ ଓ ସର୍ତ୍ତାବଳୀର ନିୟନ୍ତ୍ରଣ ।
- ଶିଶୁ ନିଯୁକ୍ତିକୁ ବାରଣ କରୁଥିବା ଏହି ଅଧିନିୟମ ଓ ଅନ୍ୟାନ୍ୟ ଅଧିନିୟମର ଉଲଂଘନ କରାଗଲେ ବର୍ଦ୍ଧିତ ଦଣ୍ଡବିଧାନର ନିର୍ଦ୍ଧାରଣ ।

### ୫. ବାଲ୍ୟ ବିବାହ ନିଷେଧ ଅଧିନିୟମ, ୨୦୦୬ (PROHIBITION OF CHILD MARRIAGE ACT, 2006)

ଏହି ଅଧିନିୟମ ଅନୁଯାୟୀ ଅଦାଲତ ଏକ ବାଲ୍ୟ ବିବାହକୁ ରଦ୍ଦଯୋଗ୍ୟ ବିବାହ କିମ୍ବା ଅବୈଧ ବିବାହ ଭାବରେ ଘୋଷଣା କରିପାରିବେ । ଜଣେ ବାଳକ ୨୧ ବର୍ଷ ସଂପୂର୍ଣ୍ଣ କରି ନଥିଲେ ଏବଂ ଜଣେ ବାଳିକା ୧୮ ବର୍ଷ ସଂପୂର୍ଣ୍ଣ କରି ନଥିଲେ ଶିଶୁ ଭାବରେ ବିବେଚିତ ହେବେ ଓ କୌଣସି ଗୋଟିଏ ପକ୍ଷ ଶିଶୁ ହୋଇଥିଲେ, ଏହାକୁ ବାଲ୍ୟ ବିବାହ ବିଚାର କରାଯିବ ।

## ୬. ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା ଅଧିନିୟମ, ୨୦୧୨ (PROTECTION OF CHILDREN FROM SEXUAL OFFENCES ACT, 2012)

ଶିଶୁଙ୍କୁ ଯୌନ ଆକ୍ରମଣ, ଯୌନ ନିର୍ଯ୍ୟାତନା ଏବଂ ଯୌନ ଉଦ୍ଦୀପନା ମୂଳକ ପ୍ରକାଶନ ସମ୍ବନ୍ଧୀୟ ଅପରାଧରୁ ସୁରକ୍ଷା ଦେବା ନିମନ୍ତେ ଏହି ଅଧିନିୟମ ପ୍ରଣୟନ କରାଯାଇଛି । ୧୮ ବର୍ଷରୁ କମ୍ ପ୍ରତ୍ୟେକ ବ୍ୟକ୍ତି ଏହି ଆଇନ ଅନୁଯାୟୀ ଶିଶୁ ଭାବରେ ପରିଗଣିତ ହୋଇଥାଏ । ଏହି ଅଧିନିୟମ ବିଭିନ୍ନ ପ୍ରକାର ଯୌନ ଅପବ୍ୟବହାରର ସଂଜ୍ଞା ନିରୂପଣ କରିଥାଏ । ଏହି ଅଧିନିୟମରେ ନ୍ୟାୟିକ ପ୍ରକ୍ରିୟାର ସମସ୍ତ ସ୍ତରରେ ଏକ ଶିଶୁସୁଲଭ ପରିବେଶ ବଜାୟ ରଖିବା ଓ ପୁନଃ ନିଷ୍ପୀଡନକୁ ସମ୍ଭାବନାରୁ ଦୂରେଇ ରଖିବା ଦିଗକୁ ଗୁରୁତ୍ୱ ଦେଇଛି । ଶିଶୁର ସର୍ବାଧିକ ହିତକୁ ଅଗ୍ରାଧିକାର ଦେଇଥିବା ଏହି ଅଧିନିୟମରେ ପ୍ରତିବେଦନ (ରିପୋର୍ଟିଙ୍ଗ) ପ୍ରମାଣର ଦୃଶ୍ୟ ଅଭିଲେଖନ, ଶିଶୁର ପରିଚୟ ସମ୍ପୂର୍ଣ୍ଣ ଗୋପନ ରଖାଯାଇ ରୁଦ୍ଧ-କୋଠରୀରେ ନିର୍ଦ୍ଦିଷ୍ଟ ଅଧିକାରପ୍ରାପ୍ତ ସ୍ୱତନ୍ତ୍ର ନ୍ୟାୟାଳୟରେ ଶୁଣାଣୀ ଇତ୍ୟାଦି, ଶିଶୁ ଅନୁକୂଳ ବ୍ୟବସ୍ଥାର ସମାବିଷ୍ଟ ହୋଇଛି ।

## ୭. ଶିଶୁର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରାପ୍ତ ହେବାର ଅଧିକାର ଅଧିନିୟମ, ୨୦୦୯ (RIGHT OF CHILDREN TO FREE AND COMPULSORY EDUCATION ACT, 2009)

**ଧାରା ୨୧(କ)-** ଅଧୀନରେ ଶିକ୍ଷାଗତ ଅଧିକାର ଏକ ମୌଳିକ ଅଧିକାର, ଯାହା ନ୍ୟାୟସମ୍ମତ ଅଟେ । ଶିକ୍ଷାଗତ ଅଧିକାର ଅଧିନିୟମ ୨୦୦୯, ଯାହା ଆର.ଟି.ଇ ଆକ୍ଟ ଭାବରେ ଜଣା । ଭାରତରେ ୬-୧୪ ବର୍ଷ ବୟସ ମଧ୍ୟରେ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନର ଗୁରୁତ୍ୱ ଉପରେ ରୂପରେଖ ପ୍ରଦାନ କରିଥାଏ ।

## ୮. କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଅଧିନିୟମ, ୨୦୧୫ (*JUVENILE JUSTICE (CARE AND PROTECTION OF CHILDREN) ACT, 2015*)

ଏହି ଅଧିନିୟମ ୧୫ ଜାନୁଆରି ୨୦୧୬ ଠାରୁ କାର୍ଯ୍ୟକାରୀ ହୋଇଆସୁଛି । ଏକ ଶିଶୁ ଅନୁକୂଳ ଆଭିମୁଖ୍ୟ ଧାରଣ କରି ବିଭିନ୍ନ ଜଟିଳ ସ୍ଥିତି ଦେଇ ଆସିଥିବା ଶିଶୁମାନଙ୍କର ଉପଯୁକ୍ତ ଯତ୍ନ, ବିକାଶ ଓ ସାମାଜିକ ପୁନଃ ଏକୀକରଣ ଲକ୍ଷ୍ୟସାଧନର ସୁନିଶ୍ଚିତତା ଉପରେ ଏହି ଅଧିନିୟମ ପ୍ରାଧାନ୍ୟ ଦେଇଥାଏ । ଏହି ଅଧିନିୟମ ଆଇନଗତ ସମସ୍ୟାରେ ଜଡିତ ଥିବା କିଶୋର ଓ ସେମାନଙ୍କର ବୟସ, ଆବଶ୍ୟକତା, ହିତ, ବିକାଶ ଓ ସମ୍ମାନକୁ ଦୃଷ୍ଟିରେ ରଖି, ସେମାନଙ୍କର ବିଚାର ଓ ସୁଧାର ପାଇଁ ସ୍ୱତନ୍ତ୍ର ବିଚାର ବ୍ୟବସ୍ଥା ଓ ଶିଶୁ ଅନୁକୂଳ ପ୍ରକ୍ରିୟା ମାଧ୍ୟମରେ ସଂପନ୍ନ କରିବା ଲକ୍ଷ୍ୟ ଓ ଆଭିମୁଖ୍ୟ ରହିଛି । ଏହା ମଧ୍ୟ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ସେମାନଙ୍କର ଚୂଡାନ୍ତ ଥଇଥାନର ବନ୍ଦୋବସ୍ତ କରାଇଥାଏ ।

ଏହି ଅଧିନିୟମ ଶିଶୁର ଦୁଇ ପ୍ରକାରର ବିଭକ୍ତୀକରଣ କରିଥାଏ । ଆଇନତଃ ଦ୍ୱନ୍ଦରତ ଶିଶୁ ଓ ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ।

## ୯. ତତ୍ତ୍ୱାବଧାରକ ଓ ପ୍ରତିପାଳକ ଅଧିନିୟମ, ୧୮୯୦ (<u>GUARDIANS AND WARDS ACT, 1890</u>)

ଏହି ଅଧିନିୟମ ଶିଶୁର ତତ୍ତ୍ୱାବଧାରକତ୍ୱ ସଂପର୍କିତ ସମସ୍ତ ଆଇନକୁ ଅତିକ୍ରମଣ କରେ ।

ଏହା ଏକ ସାର୍ବଜନୀନ ସଂହିତା ମୁଖ୍ୟତଃ ମୁସଲିମ, ପାର୍ସୀ, ଖ୍ରୀଷ୍ଟିଆନ ଓ ଇହୁଦୀ ମାନଙ୍କପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ, ଯେହେତୁ ସେମାନଙ୍କର ବ୍ୟକ୍ତିଗତ ଆଇନ ସଂପୂର୍ଣ୍ଣ ଦତ୍ତକଗ୍ରହଣ ନୁହେଁ କେବଳ ତତ୍ତ୍ୱାବଧାରକତ୍ୱ ପାଇଁ ଅନୁମତି ଦେଇଥାଏ ।

**୧୦. ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ ପ୍ରସୂତି ନିଦାନ କୋଶଳ (ଲିଙ୍ଗ ଚୟନ ନିଷେଧ) ସଂଶୋଧନ ଅଧିନିୟମ, ୧୯୯୪ (The Pre-conception and Pre-natal Diagnostic Techniques (Prohibition Of Sex Selection) Act, 1994 )**

ଏହି ଅଧିନିୟମର ମୁଖ୍ୟ ଆଭିମୁଖ୍ୟ ହେଉଛି, ପ୍ରାକ୍ ପ୍ରସୂତି ଲିଙ୍ଗ ନିରୂପଣକୁ ରୋକିବା, ଯାହା କନ୍ୟା ଭ୍ରୁଣର ହତ୍ୟା ପରି ରୁଗଣ ମାନସିକତାକୁ ପ୍ରଶୟ ଦିଏ । ବିଭିନ୍ନ ନିଦାନ କୋଶଳ ମାଧ୍ୟମରେ ଜନ୍ମ ପୂର୍ବରୁ ଲିଙ୍ଗ ନିରୂପଣ କରିବା କେତେକ କ୍ଷେତ୍ରରେ ଜରୁରୀ ଅଟେ । ତେବେ କେତେକ ଅତି ଗୁରୁତ୍ୱପୂର୍ଣ୍ଣ ବିଭ୍ରାଟ, ବିକୃତି ବ୍ୟତୀତ କନ୍ୟାଭ୍ରୁଣ କ୍ଷେତ୍ରରେ ଏହାର ଅପବ୍ୟବହାରକୁ ରୋକିବା ଓ ନିୟନ୍ତ୍ରିତ କରିବା ଦିଗରେ ଏହା କଠୋର ନୀତି ଅବଲମ୍ବନ କରେ ।

**୧୧. ସୂଚନା ପ୍ରଯୁକ୍ତିଜ୍ଞାନ ଅଧିନିୟମ, ୨୦୦୦ ଓ ସଂଶୋଧିତ ଅଧିନିୟମ ୨୦୦୮ (THE INFORMATION TECHNOLOGY ACT,2000 and Amendment Act, 2008 )**

କମ୍ପ୍ୟୁଟର ଏବଂ ଇଣ୍ଟରନେଟର ଦୂରୁପଯୋଗ କରି ଶିଶୁମାନଙ୍କୁ ବିଭିନ୍ନ ପ୍ରକାର ଯୌନ ଉତ୍ପୀଡନ ଘଟଣାକୁ ପ୍ରତିହତ କରିବା ପାଇଁ, ଏହି ଅଧିନିୟମର ଧାରା ୬୭ (ଖ)ରେ ଅପରାଧିଙ୍କ ବିରୁଦ୍ଧରେ ଦଣ୍ଡର ବ୍ୟବସ୍ଥା କରାଯାଇଛି । କୌଣସି ବ୍ୟକ୍ତି ଇଲେକଟ୍ରୋନିକ ପଦ୍ଧତି ମାଧ୍ୟମରେ ଶିଶୁମାନଙ୍କର ନଗ୍ନଫଟୋର ପ୍ରକାଶନ, ପ୍ରସାରଣ, ସଂଗ୍ରହ, ବଣ୍ଟନ, ପ୍ରତିବଦଳ କଲେ କିମ୍ବା ଶିଶୁକୁ କମ୍ପ୍ୟୁଟର ମାଧ୍ୟମରେ ଅଶାଳୀନ ବ୍ୟବହାର କଲେ ଦଣ୍ଡିତ ହେବେ ।

**୧୨. ହିନ୍ଦୁ ଦତ୍ତକଗ୍ରହଣ ଏବଂ ଭରଣପୋଷଣ ଅଧିନିୟମ, ୧୯୫୬ (HINDU ADOPTION & MAINTENANCE ACT, 1956)**

ଏହି ଅଧିନିୟମ ବୈଧ ଦତ୍ତକରଣର ନିର୍ଦ୍ଦେଶାବଳୀ ଏବଂ ଦତ୍ତକଗ୍ରହଣ ପାଇଁ କେଉଁ ଶ୍ରେଣୀର ବ୍ୟକ୍ତିମାନେ ଯୋଗ୍ୟ ତାହାର ସୂଚନା ପ୍ରଦାନ କରେ ।

**୧୩. ଆଇନସେବା ପ୍ରାଧିକରଣ ଅଧିନିୟମ, ୧୯୮୭ (THE LEGAL SERVICES AUTHORITIES ACT, 1987)**

ଏହି ଅଧିନିୟମ ଧାରା ୧୨ ଶିଶୁମାନଙ୍କ ପାଇଁ ନିଃଶୁଳ୍କ ଆଇନ ସେବା ପାଇଁ ସୁବିଧା ପ୍ରଦାନ କଲେ ।

***

ବି.ଦ୍ର.:–ଏହି ପତ୍ରକଟି କେବଳ ଆଇନ ସଚେତନତା ଉଦ୍ଦେଶ୍ୟରେ ପ୍ରକାଶିତ ଓ ବିତରଣ କରାଯାଉଛି । ଏଠାରେ ଦର୍ଶାଯାଇଥିବା ତଥ୍ୟ, ସଂଜ୍ଞା, ବକ୍ତବ୍ୟ, ମତ, ଚିତ୍ର ଓ ଅଳଙ୍କରଣ କେବଳ ଆଇନ ଉପଦେଶାତ୍ମକ ଅଟେ । ଏହାକୁ କୌଣସି ଅଦାଲତ, ସରକାରୀ/ବେସରକାରୀ କାର୍ଯ୍ୟାଳୟରେ ଆଇନ ସମ୍ବଳିତ ପୁସ୍ତକଭାବେ ବ୍ୟବହାର କରାଯାଇ ନପାରେ । ଏହାକୁ ନିର୍ଭର କରି କୌଣସି ପଦକ୍ଷେପ ନେବାଦ୍ୱାରା କେହି ଯଦି କୌଣସି ପ୍ରକାରର ନଷ୍ଟ, କ୍ଷତି ଅଥବା ପୀଡାର ସମ୍ମୁଖୀନ ହୁଅନ୍ତି ସେଥିଲାଗି ପ୍ରକାଶକ ଦାୟୀ ରହିବେ ନାହିଁ । ଆଇନର ସଠିକ ସ୍ଥିତିକୁ ଜାଣିବା ପାଇଁ ଆଇନ ସମ୍ବଳିତ ପୁସ୍ତକ କିମ୍ବା ସରକାରଙ୍କ ଦ୍ୱାରା ପ୍ରକାଶିତ ରାଜପତ୍ରର ପରାମର୍ଶ ନିଆଯାଇ ପାରେ । ଏହି ପତ୍ରକରେ ତ୍ରୁଟି ସଂଶୋଧନ ପାଇଁ ଯଥା ସାଧ୍ୟ ଚେଷ୍ଟା କରାଯାଇଥିବା ସତ୍ତ୍ୱେ କୌଣସି ତ୍ରୁଟି କାହାର ନିଜରକୁ ଆସିଲେ ଦୟାକରି ଆମ୍ଭକୁ ଅବଗତ କରାନ୍ତୁ ।